# ରବିଋତୁ ପାଇଁ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ।

## Agriculture strategy committee meeting for Rabi 2019-20

ଅନୁଗୋଳ,ତା.୨୫.୧୦:- ଚଳିତ ରବି ଋତୁ ପାଇଁ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ ଗତକାଲି ଅପରାହ୍ଣରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ପ୍ରକୃତ ଚାଷୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଭିନ୍ନ କୃଷିଭିତ୍ତିକ ଯୋଜନାରେ ସାମିଲ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ପଞ୍ଚାୟତ ସ୍ତରରେ ପ୍ରତି ୧୫ ଦିନରେ ଥରେ ୫ 'ଟି' ଶିବିର ଆୟୋଜନ କରି ଚାଷୀମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ବର୍ଷ ଉଭୟ ରବି ଓ ଖରିଫ ଋତୁ ପାଇଁ ହେଉଥିବା କାର୍ଯ୍ୟକ୍ରମ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିଜୟ କୁମାର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରସ୍ତୁତ ହୋଇଥିବା ଯୋଜନାକୁ ଉପସ୍ଥାପନ କରିଥିଲେ । ଚଳିତ ରବିଋତୁରେ ଜିଲ୍ଲାରେ ଧାନ ୪୮୨ ହେକ୍ଟର,ଗହମ ୩୩ ହେକ୍ଟର,ମକା ୧୩୬୦ ହେକ୍ଟର,ଡାଲିଜାତୀୟ ୪୭,୧୪୪ ହେକ୍ଟର,ତୈଳବୀଜ ଜାତୀୟ ୨୨,୧୫୩ ହେକ୍ଟର,ପନିପରିବା ୨୦,୭୨୦ ହେକ୍ଟର,ମସଲା ଜାତୀୟ ୪୭୦୨ ହେକ୍ଟର ଓ ଆଖୁ ୪୧ହେକ୍ଟର ଏହିପରି ମୋଟ ୯୬,୭୩୫ ହେକ୍ଟର ଜମି ପାଇଁ ଫସଲ ଖସଡା ପ୍ରସ୍ତୁତ କରାଯାଇଛି । ବିଭିନ୍ନ ଜଳସେଚନ ଉତ୍ସ ମଧ୍ୟରୁ ବୃହତ,ମଧ୍ୟମ,କ୍ଷୁଦ୍ର ଜଳସେଚନ ପ୍ରକଳ୍ପ,ବିଭିନ୍ନ ଉଠା ଜଳସେଚନ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଉତ୍ସ ଦ୍ୱାରା ମୋଟ ୪୫,୩୭୦ ହେକ୍ଟର ଜମିକୁ ଜଳସେଚନ କରାଯିବା ପାଇଁ ଯୋଜନା କରାଯାଇଛି । ଏଥିପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଆନୁଷଙ୍ଗିକ ବିଷୟ ଯଥା ଉନ୍ନତ ମାନର ବିହନ,ଖତସାର,ଉନ୍ନତ କୃଷି ଯନ୍ତ୍ରପାତି ଓ ରୋଗ ପୋକ ନିୟନ୍ତ୍ରଣ ଔଷଧ ଇତ୍ୟାଦିର ଉପଲବ୍ଧି ପାଇଁ ଗ୍ରହଣ କରାଯାଉଥିବା ବ୍ୟବସ୍ଥା ଉପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଆଲୋକପାତ କରିଥିଲେ । ଏହାଛଡା ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା,ସୌର ଜଳନିଧି,ମୃତିକା ସ୍ୱାସ୍ଥ୍ୟକାର୍ଡ, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଉପରେ ଏହି ବୈଠକରେ ବିଶଦ ଆଲୋଚନା କରାଯାଇଥିଲା । ବୈଠକରେ ଖରିଫ ୨୦୧୯ ଋତୁରେ ଅନୁଗୋଳ ଜିଲ୍ଲାର କୃଷି କ୍ଷେତ୍ରରେ ହାସଲ ହୋଇଥିବା ବିଭିନ୍ନ କାର୍ଯ୍ୟାବଳୀର ଆଲୋଚନା ହୋଇଥିଲା । ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ ଶ୍ରୀ ପଦ୍ମ ଲୋଚନ ଦାସ ନିଜ ବିଭାଗ ତରଫରୁ ୨୦୧୯ ରବି ଋତୁ ପାଇଁ ଜାତୀୟ ଉଦ୍ୟାନ କୃଷି ମିଶନ କାର୍ଯ୍ୟକ୍ରମରେ ବୃକ୍ଷରୋପଣ,ଅମଳ ପରବର୍ତ୍ତୀ ଯତ୍ନ ଓ କୃଷି ଯାନ୍ତ୍ରିକିକରଣ ଇତ୍ୟାଦି ସହାୟତା ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା କୃଷି ଅଧିକାରୀ,ଅନୁଗୋଳ ଶ୍ରୀ ଭୋଳାଶଙ୍କର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


GOVERNMENT OF ODISHA


ADMINISTRATIVE MAP OF ANGUL